# Akashvani, Sambalpur

## SAMBALPURI NEWS EVENING BULLETIN

**3 July 2025- 7.02 pm- 7.12 pm.**

**********************************************

୧- ଆଏବା ଜାନୁୟାରୀ ମାସେ ରାଏଜେ ଲାଗୁହେବା ନୂଆ ସମବାୟ ନୀତି, ସୂଚ୍‌ନା ଦେଲେ ସମବାୟ ମନ୍ତ୍ରୀ ।

୨- ଭୁବନେଶ୍ୱରଠାନେ ଶବରୀ ଭବନ୍ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

-କହେଲେ ଆଦିବାସୀ ଯୁଆନ୍ ଗୋଷ୍ଠୀ ଆଉ ନେତୃତ୍ୱ ଉଦୟ ଲାଗି ଇଟା ଗୁଟେ ମଚାନ୍ ହେବା ।

୩- ପୁରୀ ଶରଧାବାଲି ନ ଶେଷ୍ ହେଲା ତିନ୍‌ହି ରଥର୍ ଦକ୍ଷିଣ ମୋଡ଼୍ ନୀତି, ଆଏବା କାଏଲ୍ ବେଲ୍‌ବୁଡ଼େ ସର୍‌ବା ମାହାପୁରୁମାନଙ୍କର୍ ଆଡ଼ପ ମଣ୍ଡପ ଦର୍ଶନ୍ ।

ଆଉର୍

୪- ଆଏବା ରଏବାର୍ ଦିନ ହୀରାକୁଦ ଜଲ୍‌ଭଣ୍ଡାର୍‌ନୁ ଛଡ଼ାଯିବା ଇ ବଛରର୍ ପହେଲା ବଏଢ଼୍ ପାଏନ୍ ।

ନୂଆ ସମବାୟ ନିୟମ୍         ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଏଜେ ନୂଆ ସମବାୟ ନୀତି ଆଏବା ବଛର୍ ଜାନୁୟାରୀ ୩୧ ତାରିଖ୍ ତକ୍ ଲାଗୁ କରାଯିବା ବଲି ସମବାୟ ମନ୍ତ୍ରୀ ପ୍ରଦୀପ ବଲସାମନ୍ତ ସୂଚ୍‌ନା ଦେଇଛନ୍ । କେନ୍ଦ୍ର ସ୍ୱରାଷ୍ଟ୍ର ଆଉ ସମବାୟ ମନ୍ତ୍ରୀ ଅମିତ ଶାହଙ୍କର୍ ସାଙ୍ଗେ ବୈଠକ୍ କରି କରି ନୂଆଦିଲ୍ଲୀନୁ ଫିର୍‌ବାର୍ ଉତ୍‌ରୁ ମନ୍ତ୍ରୀ ଶ୍ରୀ ବଲସାମନ୍ତ ଇ ବାବ୍‌ଦେ ସୂଚ୍‌ନା ଦେଇଛନ୍ । ସେ କହିଛନ୍, ଆଏବା ଦିନେ ରାଜ୍ୟର୍ ସବୁ ପଂଚାୟତ୍‌ନ ସମବାୟ ସମିତି ଗଠନ୍ ହେବା ଆଉ ସମିତି ନ ବହୁମୁଖୀ ବେପାର୍ କରାଯିବା । ଫି ପଂଚାୟତ୍ ନ ବେଙ୍କ୍ ଥାପ୍‌ନା କରାଯିବା । ସମବାୟ ସମିତି ନ ଏଲ୍‌ପିଜି ଗେସ୍ ବଂଟାଯିବା, ଉଷୋ ଦୁକାନ୍, ପେଟ୍ରୋଲ୍ ପମ୍ପ, ଜନସେବା କେନ୍ଦ୍ର, ଗୁରସ୍ ବାଂଟବାର୍ ବାଗିର୍ ଭିନ୍ ଭିନ୍ ବ୍ୟବସ୍ଥା ରହେବା ବଲି ମନ୍ତ୍ରୀ ଶ୍ରୀ ବଲସାମନ୍ତ କହିଛନ୍ ।

ମୁଖ୍ୟମନ୍ତ୍ରୀ ଶବରୀ ଭବନ ଉଦ୍‌ଘାଟନ-        I&PR

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଏଜ୍ ଭୁବନେଶ୍ୱର ଆଇଆର୍‌ସି ଭିଲେଜ୍‌ଠାନେ ଭୁବନେଶ୍ୱର ସାଂସ୍କୃତିକ୍

ପରିଷଦ୍‌ର ଶବରୀ ଭବନ୍‌କେ ଉଦ୍‌ଘାଟନ୍ କରିଛନ୍ । ଶବରୀ ଭବନ୍‌ର ଉନ୍ନତି ଲାଗି ଇ ଅବ୍‌ସରେ ମୁଖ୍ୟମନ୍ତ୍ରୀ ୨ କୋଟି ଟଙ୍କା ଅନୁଦାନ୍ ଘୋଷଣା କରିଛନ୍ । ଇତାର୍ ସହେତେ ଭବନ୍ ପୁନରୁଦ୍ଧାର୍ କାମ୍ ଲାଗି ସରକାର ସବୁ ସୁବିଧା ଯୁଗେଇ ଦେବେ ବଲି କହିଛନ୍ । ଶବରୀ ଭବନ ଖାଲି ଗୁଟେ ଆଶ୍ରୟସ୍ଥଳ ନୁହେ, ଇଟା ଆଦିବାସୀ ଯୁଆନ୍ ଗୋଷ୍ଠୀ ଆଉ ନେତୃତ୍ୱ ଉଦୟ ଲାଗି ଗୁଟେ ମଚାନ୍ ହେବା ବଲି ମୁଖ୍ୟମନ୍ତ୍ରୀ ଇ ଅବ୍‌ସରେ କହିଛନ୍ ।

ଏକ୍ ପେଡ଼୍ ମା’କେ ନାମ୍ ପିଆଇବି

କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଆଏଜ୍ ତାଲ୍‌ଚେର୍‌ଠାନେ ଏକ୍ ପେଡ୍ ମା’କେ ନାମ୍ ଦୁଇ ନମ୍ବର ଖେପ୍ ଅଭିଯାନ୍‌ର ଶୁଭାରମ୍ଭ୍ କରିଛନ୍ । ଇ ଅବ୍‌ସରେ ଶ୍ରୀ ପ୍ରଧାନ ଅନୁଗୁଲ୍ ବନଖଣ୍ଡ ଅନ୍ତର୍ଗତ୍ ତାଲଚେର୍ ହାଣ୍ଡିଧୁଆ ଗାଁ ଆଉ ଗୋପାଲପ୍ରସାଦ୍ ସଂରକ୍ଷିତ୍ ଜଙ୍ଗଲ ନ ଗଛ ଜଗେଇଛନ୍ । ଇତାର୍ ସହେତେ ବନ ମହୋତ୍ସବ୍ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଚାରା ବାଂଟବାର୍ ରଥର୍ ଶୁଭାରମ୍ଭ କରିଛନ୍ । ସେପ୍ଟେମ୍ବର ମାସ୍ ତକ୍ ଜିଲ୍ଲାନ ୧୦ ଲାଖ୍ ଗଛ୍ ଜଗାବାରକେ ଲକ୍ଷ୍ୟ ରଖାଯାଇଛେ ।

ପରିବେଶ ସୁରକ୍ଷା ଲାଗି ଇ ଅଭିଯାନ୍‌ଥି ସଭେ ଯୁଡ଼ି ହେବାର୍‌କେ କେନ୍ଦ୍ରମନ୍ତ୍ରୀ ଶ୍ରୀ ପ୍ରଧାନ୍ ଆହ୍ୱାନ୍ କରିଛନ୍ ।

ଇତାର୍ ଉତ୍‌ରୁ ଶ୍ରୀ ପ୍ରଧାନ ଛେଣ୍ଡିପଦାଠାନେ ଗରିବ କଲ୍ୟାଣ ଆଉ ବିକାଶ ସମାବେଶ୍‌ଥି ଯୋଗ୍ ଦେବାର୍ ସହେତେ ୪୪ ଦଶମିକ ୮/୮ କୋଟି ଟଙ୍କାର୍ ୩୪ଟା ପ୍ରକଳ୍ପର ଉଦ୍‌ଘାଟନ୍ ଆଉ ୮ ଦଶମିକ ୯ କୋଟି ଟଙ୍କାର୍ ୧୯ଟା ପ୍ରକଳ୍ପର୍ ଶିଳାନ୍ୟାସ୍ କରିଛନ୍ ।

ଓପିଜିସି-ଉପମୁଖ୍ୟମନ୍ତ୍ରୀ ସମୀକ୍ଷା I&PR

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ ଆଏଜ୍ ଭୁବନେଶ୍ୱର ଲୋକ ସେବା ଭବନ୍‌ଠାନେ ଓଡ଼ିଶା ବିଦ୍ୟୁତ୍ ଉତ୍ପାଦନ୍ ନିଗମ୍-ଓପିଜିସିର ସମୀକ୍ଷା କରିଛନ୍ । ନିଗମ୍‌ର ତଥ୍ୟ ପରିଚାଲ୍‌ନା, କାର୍ଯ୍ୟାବଲୀର୍ ସୁରକ୍ଷା, ଭିତିଭୂମି ବର୍‌କସ୍ କର୍‌ବାର୍ ଆଉ ଆଭ୍ୟନ୍ତରୀଣ ସୁରକ୍ଷା ବ୍ୟବସ୍ଥାକେ ଅପ୍‌ଗ୍ରେଡ୍ କର୍‌ବାର୍ ଲାଗି ପଦକ୍ଷେପ୍ ନେବାର୍‌କେ ଉପମୁଖ୍ୟମନ୍ତ୍ରୀ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ୍ ଦେଇଛନ୍ । କ୍ଲାଉଡ୍ କମ୍ପ୍ୟୁଟିଙ୍ଗ୍, କୃତ୍ରିମ ବୁଦ୍ଧିମତା ଆଉ ଉନ୍ନତ୍ ମାନର୍ ବୈଷୟିକ୍ ଜ୍ଞାନ୍ କୌଶଲ୍ ଜରିଏ

ଇତାର୍ ସୁରକ୍ଷା ର୍‌ବାର୍‌କେ ବୈଠକ୍‌ଥି ପ୍ରସ୍ତାବ ଦିଆଯାଇଛେ ।

ଅଗ୍ନି ନିରାପତା ଲାଇସେନ୍ସ ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଜ୍ୟ ସରକାର ଅଗ୍ନିଶମ ମହାନିର୍ଦ୍ଦେଶକ୍‌ଙ୍କୁ ଅଗ୍ନି ନିରାପତା ଲାଇସେନ୍ସ ଦେବାର୍ ଦାୟିତ୍ୱ ଦେଇଛନ୍ । ଅଗ୍ନି ନିରାପତା ସଂଶୋଧିତ୍ ଆଇନ୍ ଅନ୍‌ସାରେ ଇ କ୍ଷମତା ଦିଆଯାଇଛେ । ଇ ବାବ୍‌ଦେ ଗୃହ ବିଭାଗ୍ ତର୍‌ଫୁ ଆଏଜ୍ ବିଜ୍ଞପ୍ତି ବାହାରିଛେ ।

ରଥଯାତ୍ରା ଦକ୍ଷିଣ ମୋଡ଼ ପୁରୀ ସମ୍ବାଦଦାତା

ଶ୍ରୀକ୍ଷେତ୍ର ପୁରୀ ଶରଧାବାଲିଠାନେ ତିନି ରଥର ଦକ୍ଷିଣ ମୋଡ଼ ନୀତି ଶେଷ୍ ହେଇଛେ । ଗଲାକାଏଲ୍ ସୁଭଦ୍ରାଙ୍କର ଦର୍ପଦଲନ୍ ଆଉ ଶ୍ରୀ ବଳଭଦ୍ରଙ୍କର୍ ତାଳଧ୍ୱଜ ରଥର ଦକ୍ଷିଣ ମୋଡ଼ କରାଯାଇଥିଲା ବେଲ୍‌କେ ଆଏଜ୍ ଶ୍ରୀ ଜଗନ୍ନାଥଙ୍କର ନନ୍ଦିଘୋଷ ରଥର ଦକ୍ଷିଣ ମୋଡ଼ ଶେଷ୍ ହେଇଛେ । ଇତାର୍ ସହେତେ ଚତୁର୍ଦ୍ଧାମୂର୍ତ୍ତିଙ୍କର୍ ବାହୁଡ଼ା ଯାତ୍ରା ଲାଗି ତୟାରି

ଶେଷ୍ ହେଇଛେ । ଶ୍ରୀଗୁଣ୍ଡିଚା ଆଡ଼ପ ମଣ୍ଡପଠାନେ ମାହାପୁରମାନଙ୍କର୍ ଦର୍ଶନ୍ ଲାଗି ଭକ୍ତଙ୍କର ଜବର୍ ଭିଡ଼ ଲାଗିଛେ । ଆଏବାକାଏଲ୍ ବେଲ୍‌ବୁଡ଼ା ତକ୍ ଆଡ଼ପ ମଣ୍ଡପ ଦର୍ଶନ୍ ଚାଲ୍‌ବା । ଶନିବାର ବାହୁଡ଼ା ଯାତ୍ରା ହେବାର୍‌କେ ଥିବାବେଲେ ରବିବାର ସୁନାବେଶ, ସୋମବାର ରଥ ଉପ୍‌ରେ ଅଧରପଣା ଆଉ ମଙ୍ଗଳବାର ନୀଳାଦ୍ରୀ ବିଜେ ନୀତି ହେବା ।

## ରତ୍ନଭଣ୍ଡାର ମରାମତି-ଗଜପତିଙ୍କ ସମୀକ୍ଷା    ପୁରୀ ସମ୍ବାଦଦାତା

ପୁରୀ ଗଜପତି ମହାରାଜ ଦିବ୍ୟସିଂହ ଦେବ ଆଏଜ୍ ଶ୍ରୀମନ୍ଦିର ରତ୍ନଭଣ୍ଡାର ମରାମତି କାମ୍ ତଦାରଖ୍ କରିଛନ୍ । ରତ୍ନଭଣ୍ଡାର ମରାମତି କାମ୍ ଇହାଦେ ଶେଷ୍ ଖେପ୍‌କେ ପୁହୁଁଚିଛେ । ୬ ଶହନୁ ଅଏତ୍‌କା ପଥର ବଦ୍‌ଲା ଯାଇଛେ । ଭିତର ରତ୍ନଭଣ୍ଡାର ଘରେ ବହୁତ୍‌ଟେ ପଥର୍ ବଦ୍‌ଲା ଯାଇଥିବାବେଲେ ବିମ୍‌କେ ଅଏତ୍‌କା ବର୍‌କସ୍ କରାଯାଇଛେ । ଭଣ୍ଡାରର୍ ବାହାର୍ ଆଉ ଭିତର୍ ଭାଗେ ରାସାୟନିକ୍ ପ୍ରଲେପ୍ ଦିଆଯାଇଛେ । ୮୦ନୁ ଅଏତ୍‌କା କୁଶଲୀ କାରିଗର୍ ଖେପ୍ ଖେପ୍ କରି ମରାମତି କାମ୍‌ଥି ଲାଗିଛନ୍ । ଶ୍ରୀମନ୍ଦିରର୍ ସବୁ ରୂପ ଦୁଆରବନ୍ଧ୍ ସଫା କରାଯାଉଛେ । ଗର୍ଭଗୃହ ନ କାଠ ତିଆରି

କନକ ମୁଣ୍ଡିକେ ବଦ୍‌ଲା ଯାଇକରି ଷ୍ଟିଲ୍ ଫ୍ରେମ୍ ଲଗାଯାଉଛେ । ଏବ୍‌ତକ୍ ହେଇଥିବା ମରାମତି କାମ୍ ଦେଖିକରି ଗଜପତି ମହାରାଜ ଖୁସି ହେଇଛନ୍ ।

ରତ୍ନଭଣ୍ଡାର ମରାମତି କାମ୍‌କେ ନେଇକରି ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଅରବିନ୍ଦ ପାଢ଼ୀ କହିଛନ୍, କାର୍ଯ୍ୟସୂଚୀ ଅନ୍‌ସାରେ ମରାମତି କାମ୍ ଶେଷ୍ ହେଇଛେ । ବାହାର ରତ୍ନଭଣ୍ଡାର କାମ୍ ଆଉ ଦୁଇଦିନ୍ ଭିତ୍‌ରେ ଶେଷ୍ ହେବା ବଲି ସେ କହିଛନ୍ ।

ହୀରାକୁଦ ବଏଢ଼୍ ପାଏନ୍ ସମ୍ବଲପୁର ସମ୍ବାଦଦାତା

ହୀରାକୁଦ ଜଲଭଣ୍ଡାର୍‌ନୁ ଆଏବା ୬ ତାରିଖ୍ ରଏବାର୍ ଦିନ ଇ ବଛରର୍ ପହେଲା ବଏଢ଼୍ ପାଏନ୍ ଛଡ଼ାଯିବା । ଦିନର୍ ୧୦ ବଜେ ପୂଜା କରାଯାଇକରି ଡେବ୍‌ରି ଫାଲର୍ ୭ ନମ୍ବର ସୁଇସ୍ ଗେଟ୍ ପହେଲା ଖୁଲାଯିବା ବଲି ହୀରାକୁଦ ବନ୍ଧା ମୁଖ୍ୟଯନ୍ତ୍ରୀଙ୍କର୍ ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ । ଇହାଦେ ଜଲ୍‌ଭଣ୍ଡାର୍‌କେ ଫି ସେକେଣ୍ଡଥି ୯୯ ହଜାର ୪ ଶହ ୬୭ କ୍ୟୁସେକ୍ ପାଏନ୍ ପଶୁଥିବାର୍‌ନୁ ଜଲ୍‌ସ୍ତର୍ ବଢ଼ିକରି ୬ ଶହ ୦୩ ଦଶମିକ୍ ୦୨ ଫୁଟ୍‌କେ ପୁହୁଚିଛେ । ଇତାକେ ନଜର୍‌ଥି ରଖିକରି ଜଲ୍‌ଭଣ୍ଡାରନୁ ବଏଢ଼୍ ପାଏନ୍ ଛାଡ଼୍‌ବାର୍ ନିଷ୍ପତି

ନିଆଯାଇଛେ ବଲି ହୀରାକୁଦ ବନ୍ଧା ମୁଖ୍ୟଯନ୍ତ୍ରୀ ସୁଶୀଲ କୁମାର ବେହେରା କହିଛନ୍ ।

(ଭଏସ୍ ଓଭର୍-----ହୀରାକୁଦ ବନ୍ଧା ମୁଖ୍ୟଯନ୍ତ୍ରୀ)

ଇ ବାବ୍‌ଦେ ଡେମ୍ କର୍ତୃପକ୍ଷ ମହାନଦୀ ଖଁଡ଼ି ନ ଥିବା ୧୩ଟା ଜିଲ୍ଲାର ଜିଲ୍ଲାପାଳମାନଙ୍କୁ ସତର୍କ କରିଛନ୍ ।

ବନ୍ୟା ଥିତି ସମୀକ୍ଷା ଆର୍‌ଏନ୍‌ୟୁ/ ସମ୍ବଲପୁର/ଏକ୍ସ

ରାଏଜେ ଝଁକେର୍ ବର୍ଷା ଥିତିଥି ସାମାଏନ୍ ସୁଧାର୍ ଆସିଛେ । ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆଏଜ୍ ବାଲେଶ୍ଵର ଜିଲ୍ଲା ଗସ୍ତ କରି କରି ଆକାଶ ମାର୍ଗନୁ ବନ୍ୟା ପ୍ରଭାବିତ୍ ଇଲାକାର୍ ସମୀକ୍ଷା କରିଛନ୍ । ଇତାର୍ ସହେତେ ଭୋଗରାଇ ବ୍ଲକ୍ ବାଉଁଶଖଣା ଗାଁନ କ୍ଷେତ୍ର ପରିଦର୍ଶନ୍ କରିଛନ୍ । ସେଆଡ଼େ ଉଚ୍ଚ ଶିକ୍ଷା ଆଉ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ ଭିଲ୍ ଭଦ୍ରକ ଜିଲ୍ଲାର ତିହିଡ଼ିଠାନେ ବନ୍ୟା ଥିତିର୍ ସମୀକ୍ଷା କରିକରି ଜନ ପ୍ରତିନିଧି ଆଉ ପ୍ରଶାସନିକ୍ ଅଧିକାରୀମାନଙ୍କର୍ ସଙ୍ଗେ ଆଲୋଚନା କରିଛନ୍ ।

ପଦ୍ମ ପୁରସ୍କାର ପିଆଇବି

ଗଣତନ୍ତ୍ର ଦିବସ ଅବ୍‌ସରେ ଘୋଷଣା ହେବାର୍‌କେ ଥିବା ପଦ୍ମ ପୁରସ୍କାର ୨୦୨୬ ଲାଗି ନାମାଙ୍କନ ପତ୍ର ଶେଷ୍ ଦିନ୍ ଆଏବା ୩୧ ତାରିଖକେ ଧାରିଜ୍ କରାଯାଇଛେ । ଇ ବାବ୍‌ଦେ ସବୁ ତଥ୍ୟ ସ୍ୱରାଷ୍ଟ୍ର ମନ୍ତ୍ରଣାଳୟର ୱେବ୍‌ସାଇଟ୍ mha.gov.in ଆଉ ପଦ୍ମ ପୁରସ୍କାର ପୋର୍ଟାଲ padmaawards.gov.in ଥି ମିଳିପାର୍‌ବା ।

ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ

ଆର୍‌ଏନ୍‌ୟୁ / ସମ୍ବଲପୁର

ପ୍ଲାଷ୍ଟିକ୍ ବେଭାର୍‌ର କୁପ୍ରଭାବ୍ ବାବ୍‌ଦେ ଲୁକ୍‌କୁ ଅବଗତ କର୍‌ବାର୍ ଆଉ ପ୍ଲାଷ୍ଟିକ୍ ବେଗ୍ ବର୍ଜନ୍ ଲାଗି ସଚେତନ୍ କର୍‌ବାର୍ ଲକ୍ଷ୍ୟଥି ଆଏଜ୍ ପାଲନ୍ କରାଯାଉଛେ ଅନ୍ତର୍ଜାତୀୟ ପ୍ଲାଷ୍ଟିକ୍ ବେଗ୍ ମୁକ୍ତ ଦିବସ୍ । ଫି’ ବଛର୍ ଜୁଲାଇ ମାସ ୩ ତାରିଖ୍‌କେ ବିଶ୍ୱସ୍ତର୍‌ଥି ଇ ଦିବସ୍ ପାଲନ୍ କରାଯାଉଛେ । ୨୦୦୨ ମସିହାଥି ବାଂଲାଦେଶ୍ ପୁର୍‌ଥିର୍ ପହେଲା ଦେଶ୍ ଭାବେ ପ୍ଲାଷ୍ଟିକ୍ ବେଗ୍‌ର ବେଭାର୍ ନିଷେଧ୍ କରିଥିଲା । ଇତାର୍ ଉତ୍‌ରୁ ଭାରତ୍ ସହେତେ ବହୁତ୍‌ଟେ ଦେଶ୍ ପ୍ଲାଷ୍ଟିକ୍ ବେଗ୍ ଉପ୍‌ରେ ପ୍ରତିବନ୍ଧକ୍ ଲଗେଇଛନ୍ ।

ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲାପାଲଙ୍କର୍ କାର୍ଯ୍ୟାଳୟଠାନେ ମ୍ୟାଲେରିଆ, ଡେଙ୍ଗୁ, ଡାଇରିଆ ନିରାକରଣ ବାବଦ୍ ଜିଲ୍ଲାସ୍ତରୀୟ ଟାସ୍କଫୋର୍ସ ବୈଠକ୍ ହେଇଯାଇଛେ । ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡାଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ବୈଠକ୍‌ଥି ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ଇ ସବୁ ରୋଗ ନିରାକରଣ ଲାଗି ନିଆଯାଉଥିବା ପଦକ୍ଷେପ୍ ବାବ୍‌ଦେ ଆଲୋଚନା କରାଯାଇଥିଲା । ଉଷୋ ଲଗା ମଶାରୀ ବେଭାର୍, ଜିଙ୍କ ବଟିକା ବାଂଟବାର୍ ଆଉ ଖାଏବାର୍ ଆଗୋନୁ ହାତ୍ ଧୁଇବାର ଲାଗି ଲୁକ୍‌କୁ ସଚେତନ୍‌ତା କାର୍ଯ୍ୟକ୍ରମ୍ କର୍‌ବାର୍‌କେ ସ୍ୱାସ୍ଥ୍ୟକେନ୍ଦ୍ର ଆଉ ଅଙ୍ଗନ୍‌ୱାଡ଼ି କେନ୍ଦ୍ର ମାନ୍‌କୁ ଜିଲ୍ଲାପାଳ ନିର୍ଦ୍ଦେଶ୍ ଦେଇଛନ୍ ।

ଆଇନସେବା ପ୍ରାଧିକରଣ ବୃକ୍ଷରୋପଣ        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ଆଇନ ସେବା ପ୍ରାଧିକରଣ ତର୍‌ଫୁ ବନ ମହୋତ୍ସବ୍ ଅବ୍‌ସରେ ସହରର୍ ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ପରିସର୍‌ନ ଗଛ ଲଗାଯାଇଛେ । ଜିଲ୍ଲା ଦୌରା ଜଜ୍ ଆଉ

ପ୍ରାଧିକରଣ ଅଧ୍ୟକ୍ଷ ପ୍ରତାପ କୁମାର ପ୍ରାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ପ୍ରାଧିକରଣ ସଚିବ ଆଉ ଅଲ୍‌ଗାମାନେ ଯୋଗ୍ ଦେଇକରି ଗଛ୍ ଲଗେଇଥିଲେ । କଲେଜ ଅଧ୍ୟକ୍ଷ ଆଉ ଛାତ୍ରଛାତ୍ରୀ ଭିଲ୍ ଉପସ୍ଥିତ ଥିଲେ ।

ପୁଲିସ କ୍ରୀଡ଼ା ପ୍ରତିଯୋଗିତା ଆର୍‌ଏନ୍‌ୟୁ/ ସମ୍ବଲପୁର

ଯୁକ୍ତରାଷ୍ଟ୍ର ଆମେରିକାର ବର୍ମିଂହାମ୍‌ଠାନେ ଚାଲିଥିବା ବିଶ୍ୱ ପୁଲିସ ଆଉ ଅଗ୍ନିଶମ କ୍ରୀଡ଼ା ପ୍ରତିଯୋଗିତା-୨୦୨୫ନ ଓଡ଼ିଶାର ୪ ଝନ୍ ପୁଲିସ କର୍ମଚାରୀ ସ୍ୱର୍ଣ୍ଣ ପଦକ୍ ଜିତିଛନ୍ । ୧୫ ଶହ ମିଟର ପୁରୁଷ ବର୍ଗ ଦୌଡ଼ଥି କନେଷ୍ଟବଲ୍ ଅଶୋକ ଦଣ୍ଡସେନା, ମହିଳା ବର୍ଗଥି ସୁସ୍ମିତା ଟିଗ୍‌ଗା ଇ ସଫଲ୍‌ତା ପାଇଛନ୍ । ସେନ୍ତା ୬୪ କିଲୋଗ୍ରାମନୁ କମ୍ କରାଟେ ବର୍ଗଥି ଭଗବାନ ରେଡ୍ଡୀ ଆଉ ୮୪ କିଲୋଗ୍ରାମ୍‌ନୁ କମ୍ ବର୍ଗଥି କନେଷ୍ଟବଲ ସୁମନ ଶେଖର ଦାସ ସ୍ୱର୍ଣ୍ଣ ପଦକ୍ ଜିତିକରି ରାଜ୍ୟର୍ ଲାଗି ଗୌରବ୍ ଆନିଛନ୍ । ବିଶ୍ୱସ୍ତରର୍ ପ୍ରତିଯୋଗିତାଥି କୃତୀ ପ୍ରତିଯୋଗୀମାନ୍‌କର ଅସାଧାରଣ ଖେଲ୍ କୌଶଲ୍ ପ୍ରଦର୍ଶନ୍‌କେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପ୍ରଶଂସା କରିଛନ୍ । ଆରକ୍ଷୀ ମହାନିର୍ଦ୍ଦେଶକ୍

ଯୋଗେଶ ବାହାଦୂର୍ ଖୁରାନିଆ ସବୁ ଖେଲାଲିଙ୍କୁ ଶୁଭେଚ୍ଛା ଜନେଇଛନ୍ ।

ପାଣିପାଗ ଆର୍‌ଏନ୍‌ୟୁ/ ସମ୍ବଲପୁର

ରାଏଜେ ମୌସୁମୀ ସକ୍ରିୟ ରହେବାର୍ ସହେତେ ଉତର୍ ଓଡ଼ିଶା ଆଉ ତାର୍ ପାଖାପାଖି ପଶ୍ଚିମବଙ୍ଗ୍- ଉତର୍ ବଙ୍ଗୋପ୍‌ସାଗର୍ ପାଖେ ବନିଥିବା ଲଘୁଚାପ୍ କ୍ଷେତ୍ରର୍ ପ୍ରଭାବ୍‌ଥି ଜବର୍ ବର୍ଷା ଲାଗି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର ସୂଚ୍‌ନା ଅନ୍‌ସାରେ ଆଏବା ୫ ଦିନ୍ ତକ୍ ରାଏଜେ ବର୍ଷା ଲାଗି ରହେବା । ଆଏବା ୨୪ ଘଂଟା ଭିତ୍‌ରେ ପଶ୍ଚିମ ଓଡ଼ିଶା ସହେତେ ୧୫ଟା ଜିଲ୍ଲା ନ ଘଡ଼୍‌ଘଡ଼ି ସହେତେ ଜବର୍ ବର୍ଷା ହେଇପାରେ ବଲି ପାଣିପାଗ୍ କେନ୍ଦ୍ର ତର୍‌ଫୁ ସତର୍କ ସୂଚ୍‌ନା ଜାରି କରାଯାଇଛେ ।